# NATIONAL NEWS BULLETIN (ODIA)
## 16th August - 2025
## Evening Bulletin : 7.15 p.m.

************************************

ଆକାଶବାଣୀ.....   ସମ୍ବାଦ ପଢୁଛନ୍ତି.....   **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆସନ୍ତାକାଲି ଦୁଇଟି ପ୍ରମୁଖ ଜାତୀୟ ରାଜପଥର ଉଦ୍‌ଘାଟନ ସହ ଜନସମାବେଶକୁ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ ।
- ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଦକ୍ଷିଣ କୋରିଆ ପ୍ରତିପକ୍ଷଙ୍କ ସହ ବୈଦେଶିକ ମନ୍ତ୍ରୀଙ୍କ ଆଲୋଚନା ।
- ଆଲାସ୍କାରେ ଅନୁଷ୍ଠିତ ଆମେରିକା ଓ ରୁଷ୍ ରାଷ୍ଟ୍ରପତିସ୍ତରୀୟ ଆଲୋଚନାକୁ ଭାରତର ସ୍ୱାଗତ ।
- ଆସନ୍ତାକାଲିଠାରୁ ଦୁଇଦିନିଆ ନେପାଳ ଗସ୍ତରେ ଯିବେ ବୈଦେଶିକ ସଚିବ ।

ଏବଂ

- ଭାରତରେରେ ପ୍ରଥମଥରପାଇଁ ଆୟୋଜିତ ହେବାକୁ ଯାଉଛି ଆନ୍ତର୍ଜାତିକ ଶୀତକାଳୀନ କ୍ରୀଡ଼ା ପ୍ରତିଯୋଗିତା ।

# ପି.ଏମ୍. - ଦିଲ୍ଲୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀରେ ପ୍ରାୟ ୧୧ ହଜାର କୋଟି ଟଙ୍କାର ୨ଟି ପ୍ରମୁଖ ଜାତୀୟ ରାଜପଥ ପ୍ରକଳ୍ପର ଉଦ୍‌ଘାଟନ କରିବେ । ସେଥିମଧ୍ୟରେ ଦ୍ୱାରିକା ଏକ୍ସପ୍ରେସ୍‌ର ଦିଲ୍ଲୀ ସେକ୍ସନ ଏବଂ ସହରାଞ୍ଚଳ ସମ୍ପ୍ରସାରଣ ରାସ୍ତାର ଦ୍ୱିତୀୟ ପର୍ଯ୍ୟାୟ ଅନ୍ତର୍ଭୁକ୍ତ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଦିଲ୍ଲୀରେ ଟ୍ରାଫିକ୍ ପରିସ୍ଥିତିକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ବ୍ୟାପକ ଯୋଜନା ଅଧୀନରେ ଏହି ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରାଯାଉଛି । ସଡ଼କ ଯୋଗାଯୋଗକୁ ଅଧିକ ସୁସଂହତ କରିବା, ଯାତ୍ରା ସମୟକୁ ହ୍ରାସ କରିବା ଏବଂ ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ଭିଡ଼ କମ୍ କରିବାରେ ଏହି ପ୍ରକଳ୍ପ ସହାୟକ ହେବ ବୋଲି କୁହାଯାଉଛି । ଏହି ଅବସରରେ ଜନସମାବେଶକୁ ପ୍ରଧାନମନ୍ତ୍ରୀ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

# ଜୟଶଙ୍କର - ସାଉଥ୍‌କୋରିଆ ଏଫ୍.ଏମ୍.

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ନୂଆଦିଲ୍ଲୀରେ ଦକ୍ଷିଣ କୋରିଆ ପ୍ରତିପକ୍ଷ ଚୋ ହ୍ୟୁନ୍'ଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଚନ୍ତି, ବାଣିଜ୍ୟ, ଉତ୍ପାଦନ, ସାମୁଦ୍ରିକ, ତଥା ଲୋକସମ୍ପର୍କ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ସୁଦୃଢ଼ କରିବା ନେଇ ଦକ୍ଷିଣ କୋରିଆ ପ୍ରତିପକ୍ଷଙ୍କ ସହ ଫଳପ୍ରଦ ଆଲୋଚନା ହୋଇଛି । କୃତ୍ରିମ ବୁଦ୍ଧିମତ୍ତା, ସେମିକଣ୍ଡକ୍ଟର, ସ୍ୱଚ୍ଛ ଶକ୍ତି ଏବଂ ପ୍ରତିରକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ ନୂତନ ମାର୍ଗ ଉନ୍ମୋଚନ ନେଇ ଉଭୟ ପକ୍ଷ ମତ ବିନିମୟ କରିଥିବା ଡକ୍ଟର ଜୟଶଙ୍କର କହିଛନ୍ତି । ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ଏବଂ ବୈଶ୍ୱିକ ପ୍ରସଙ୍ଗ ନେଇ ମଧ୍ୟ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଡକ୍ଟର ଜୟଶଙ୍କର କହିଛନ୍ତି । ଭାରତ ଏବଂ ଦକ୍ଷିଣ କୋରିଆ ଦ୍ୱିପାକ୍ଷିକ ରଣନୈତିକ ସହଭାଗିତାରେ ଦଶବର୍ଷ ପୂର୍ତ୍ତି ପାଳନ କରୁଛନ୍ତି । ଦୁଇ ଦେଶ ମଧ୍ୟରେ ସୁଦୃଢ଼ ସମନ୍ୱୟ ଏବଂ ବ୍ୟାପକ ସମ୍ପର୍କ ବୃଦ୍ଧି ନେଇ ଦକ୍ଷିଣ କୋରିଆର ସହଯୋଗକୁ ଡକ୍ଟର ଜୟଶଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି ।

# ଇଣ୍ଡିଆ-ଟ୍ରମ୍ପ-ପୁଟିନ୍ ଓଭରାଲ୍

ଆଲାସ୍କାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କ ମଧ୍ୟରେ ଅନୁଷ୍ଠିତ ଶିଖର ସମ୍ମିଳନୀକୁ ଭାରତ ସ୍ୱାଗତ କରିଛି । ଶାନ୍ତି ହାସଲ ଦିଗରେ ଉଭୟ ନେତାଙ୍କର ଏହା ପ୍ରଶଂସନୀୟ ଉଦ୍ୟମ ବୋଲି ଭାରତ କହିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଆଲୋଚନାର ଅଗ୍ରଗତିକୁ ପ୍ରଶଂସା କରିବା ସହ ଆଲୋଚନା ଏବଂ କୂଟନୀତି ଶାନ୍ତି ସ୍ଥାପନର ଏକମାତ୍ର ମାଧ୍ୟମ ବୋଲି କହିଛି । ରୁଷ୍-ୟୁକ୍ରେନ୍ ସଂଘର୍ଷର ଶୀଘ୍ର ସମାପ୍ତ ପାଇଁ ବିଶ୍ୱ ଚେଷ୍ଟା କରୁଛି ବୋଲି ମନ୍ତ୍ରଣାଳୟ କହିଛି । ଅନ୍ୟପକ୍ଷରେ ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପ ଯୁଦ୍ଧ ସମାପ୍ତ ପାଇଁ ରୁଷ୍ ସହିତ ଏକ ବୁଝାମଣାପତ୍ର ଉପରେ ବିଚାର କରିବାକୁ ୟୁକ୍ରେନ୍‌କୁ ପରାମର୍ଶ ଦେଇଛନ୍ତି । ଆଲାସ୍କାରେ ଗତକାଲି ଶ୍ରୀ ଟ୍ରମ୍ପ ଏବଂ ଶ୍ରୀ ପୁଟିନ୍‌ଙ୍କ ମଧ୍ୟରେ ପ୍ରାୟ ୩ ଘଣ୍ଟା ଧରି ଆଲୋଚନା ପରେ ଶ୍ରୀ ଟ୍ରମ୍ପ ଏହି ମନ୍ତବ୍ୟ ଦେଇଛନ୍ତି । ଗତ ୨୦୨୨ ଫେବୃୟାରୀରେ ୟୁକ୍ରେନ୍ ଉପରେ ରୁଷ୍‌ର ଆକ୍ରମଣ ପରେ ଗତକାଲି ପ୍ରଥମ ଥରପାଇଁ ଆମେରିକା ଓ ରୁଷ୍ ମଧ୍ୟରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଶ୍ରୀ ଟ୍ରମ୍ପ କହିଛନ୍ତି, ଯୁଦ୍ଧ ବିରତି ବଦଳରେ ସିଧାସଳଖ ଶାନ୍ତି ଆଲୋଚନା ସର୍ବୋତ୍ତମ ମାଧ୍ୟମ ବୋଲି ଉଭୟପକ୍ଷ ସହମତି ପ୍ରକାଶ କରିଛନ୍ତି । ଏହି ଆଲୋଚନା ୟୁକ୍ରେନ୍‌କୁ ଶାନ୍ତିର ନିକଟତର କରିବ ବୋଲି ରାଷ୍ଟ୍ରପତି ଶ୍ରୀ ପୁଟିନ୍ ଆଶାବ୍ୟକ୍ତ କରିଛନ୍ତି । ୟୁକ୍ରେନ୍ ରାଷ୍ଟ୍ରପତି ଭୋଲ୍ଦିମିର ଜେଲେନେସ୍କି

କହିଛନ୍ତି, ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପ୍ ଆଲୋଚନା ସମ୍ପର୍କରେ ତାଙ୍କୁ ଅବଗତ କରାଇଛନ୍ତି । ଓ୍ୱାଶିଂଟନ୍‌ଠାରେ ଆସନ୍ତା ସୋମବାର ଦିନ ସେ ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପ୍‌ଙ୍କ ସହ ସାକ୍ଷାତ୍ ଆଲୋଚନା କରିବେ ।

## ଆଷ୍ଟ୍ରୋନଟ - ଶୁକ୍ଳା ରିଟର୍ଣ୍ଣ

ଆନ୍ତର୍ଜାତିକ ମହାକାଶ କେନ୍ଦ୍ର-ଆଇ.ଏସ୍.ଏସ୍. ସଫଳ ଯାତ୍ରା କରି ପୃଥିବୀକୁ ପ୍ରତ୍ୟାବର୍ତ୍ତନ କରିଥିବା ଭାରତର ଗ୍ରୁପ୍ କ୍ୟାପ୍ଟେନ ସୁଭାଂଶୁ ଶୁକ୍ଳା ଆସନ୍ତାକାଲି ଦେଶକୁ ପ୍ରତ୍ୟାବର୍ତ୍ତନ କରିବେ । ଆଇ.ଏସ୍.ଏସ୍.ରେ ୧୮ ଦିନିଆ ସଫଳ ମିଶନ ପରେ ଶ୍ରୀ ଶୁକ୍ଳା ଆମେରିକାରେ ପୁନର୍ବାସରେ ରହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶୁକ୍ଳା ସ୍ୱଦେଶ ପ୍ରତ୍ୟାବର୍ତ୍ତନ ଏବଂ ବନ୍ଧୁ ଓ ପରିବାରବର୍ଗଙ୍କ ସହ ସାକ୍ଷାତ୍ ନେଇ ଏକ ଭାବପ୍ରବଣ ବାର୍ତ୍ତା ପ୍ରଦାନ କରିଛନ୍ତି । ଶ୍ରୀ ଶୁକ୍ଳା ଅକ୍‌ଜିଅମ୍-୪ ମିଶନର ପାଇଲଟ୍ ଭାବେ ଆନ୍ତର୍ଜାତିକ ମହାକାଶ କେନ୍ଦ୍ରକୁ ଯାତ୍ରା କରିଥିଲେ । ସେଠାରେ ବିଭିନ୍ନ ଗବେଷଣାରେ ସାମିଲ୍ ହେବା ସହ ମାଇକ୍ରୋ ଗ୍ରାଭିଟି କ୍ଷେତ୍ରରେ ପରୀକ୍ଷଣ କରିଥିଲେ ।  ଭାରତର ପ୍ରଥମ ମାନବ ମହାକାଶ ଉଡ଼ାଣ ମିଶନ ଗଗନଯାନ ପାଇଁ ଶ୍ରୀ ଶୁକ୍ଳା ତାଲିକାଭୁକ୍ତ ହୋଇଛନ୍ତି । ଆସନ୍ତାବର୍ଷ ଶେଷ ସୁଦ୍ଧା ଏହି ମିଶନ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଛି ।

## ଏଫ୍.ଏସ୍. - ନେପାଳ ଭିଜିଟ୍

ବୈଦେଶିକ ସଚିବ ବିକ୍ରମ ମିଶ୍ରି ଆସନ୍ତାକାଲିଠାରୁ ଦୁଇଦିନିଆ ନେପାଳ ଗସ୍ତରେ ଯିବେ । ନେପାଳର ବୈଦେଶିକ ସଚିବ ଅମୃତ ବାହାଦୁର ରାଇଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ମିଶ୍ରି ଏହି ଗସ୍ତରେ ଯାଉଛନ୍ତି । ଉଭୟ ପକ୍ଷଙ୍କ ମଧ୍ୟରେ ସୀମା ସୁରକ୍ଷା, ବିମାନ ଉଡ଼ାଣ, ବୈଦ୍ୟୁତିକ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ସହଯୋଗ ବୃଦ୍ଧି ନେଇ ସଚିବସ୍ତରୀୟ ଆଲୋଚନା ବୈଠକ ଅନୁଷ୍ଠିତ ହେବ । ଭାରତ ଏବଂ ନେପାଳ ମଧ୍ୟରେ ଦ୍ୱିପାକ୍ଷିକ ସୁଦୃଢ଼ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି । 'ପଡ଼ୋଶୀ ପ୍ରଥମ' ନୀତି ଆଧାରରେ ଭାରତ' ନେପାଳ ସହିତ ସମ୍ପର୍କକୁ ଅଗ୍ରାଧିକାର ପ୍ରଦାନ କରିଥାଏ । ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଆସନ୍ତା ମାସରେ ଭାରତ ଗସ୍ତରେ ଆସୁଥିବାରୁ ବୈଦେଶିକ ସଚିବ ଶ୍ରୀ ମିଶ୍ରିଙ୍କର ଏହି ଗସ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି ।

## ଓଡ଼ିଶା ସି.ଏମ୍. - ରିଭ୍ୟୁ

ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱରରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟାନ୍ୱୟନର ସମୀକ୍ଷା କରିଛନ୍ତି । ବିଭାଗ ପକ୍ଷରୁ ଅପପୁଷ୍ଟି ରୋକିବା ପାଇଁ

କାର୍ଯ୍ୟକାରୀ ହେଉଥିବା ଟେକ୍ ହୋମ୍ ରାସନ ଯୋଜନାରେ ବିଶେଷକରି ଛତୁଆ ଉତ୍ପାଦନ ଓ ବଣ୍ଟନକୁ ସୁବ୍ୟବସ୍ଥିତ କରିବାପାଇଁ ଉପଯୁକ୍ତ ତଦାରଖ ଓ ଗୁଣବତ୍ତା ମୂଲ୍ୟାୟନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ବୈଠକରେ ମୁଖ୍ୟମନ୍ତ୍ରୀ' ମହିଳାମାନେ ସମ୍ମୁଖୀନ ହେଉଥିବା ଆହ୍ୱାନର ମୁକାବିଲାପାଇଁ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଜେ.କେ. ସି.ଏମ୍. ଭିଜିଟସ୍

ଜମ୍ମୁ-କାଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଆଜି କିସ୍ତୱାଡ଼ ଜିଲ୍ଲାର ଚାଶୋଟି ଗ୍ରାମରେ ବାଦଲଫଟା ବର୍ଷାଜନିତ କ୍ଷୟକ୍ଷତିର କ୍ଷେତ୍ରୀୟ ସମୀକ୍ଷା କରିଛନ୍ତି । ଆମ ଜମ୍ମୁ ସମ୍ବାଦଦାତା କହିଛନ୍ତି, ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିବା ବରିଷ୍ଠ ସେନା ଅଧିକାରୀ, କର୍ମଚାରୀଙ୍କଠାରୁ ମୁଖ୍ୟମନ୍ତ୍ରୀ କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝିଛନ୍ତି । ସେହି ଅଞ୍ଚଳରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି । ମୃତକଙ୍କ ପରିବାରବର୍ଗଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି । ଗୁରୁତର ଆହତମାନଙ୍କୁ ୧ ଲକ୍ଷ ଟଙ୍କା ଏବଂ ଅନ୍ୟ ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିବାକୁ

ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି । କ୍ଷତିଗ୍ରସ୍ତ ଆବାସ କ୍ଷେତ୍ରରେ କ୍ଷତିପୂରଣ ବାବଦରେ ୨୫ ହଜାର ଟଙ୍କାରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । କ୍ଷତିଗ୍ରସ୍ତ ଭିତ୍ତିଭୂମିଗୁଡ଼ିକର ପୁନଃ ନିର୍ମାଣ ନିମନ୍ତେ ସରକାର ଯୁଦ୍ଧକାଳୀନ ଭିତ୍ତିରେ ପ୍ରୟାସ ଜାରି ରଖିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଡେରାଡୁନ୍ - ଇଣ୍ଟରନ୍ୟାସନାଲ୍ ୱିଣ୍ଟର ସ୍ପୋର୍ଟସ୍

ଭାରତ ପ୍ରଥମଥରପାଇଁ ସର୍ବବୃହତ ଆନ୍ତର୍ଜାତିକ ଶୀତକାଳୀନ କ୍ରୀଡ଼ା ପ୍ରତିଯୋଗିତାର ଆୟୋନ କରିବ । ଡେରାଡୁନ୍‌ର ରାଇପୁରସ୍ଥିତ ମହାରାଣା ପ୍ରତାପ ସ୍ପୋର୍ଟସ୍ କଲେଜଠାରେ ଆୟୋଜିତ ହେବାକୁ ଥିବା ଏସିଆନ୍ ଓପନ୍ ସଟ୍‌ଟ୍ରାକ୍ ସ୍ପିଡ୍ ସ୍କେଟିଂ ଟ୍ରଫି-୨୦୨୫ର ଏହି ପ୍ରତିଯୋଗିତା ଆସନ୍ତା ୨୦ରୁ ୨୩ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ । ଆଇସ୍ ସ୍କେଟିଂ ଆସୋସିଏସନ୍ ଅଫ୍ ଇଣ୍ଡିଆର ସଭାପତି ଅମିତାଭ୍ ଶର୍ମା କହିଛନ୍ତି, ୧୧ରୁ ଊର୍ଦ୍ଧ୍ୱ ଏସୀୟ ଦେଶ ଏହି କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି । ଶ୍ରୀ ଶର୍ମା କହିଛନ୍ତି :

***Voice (Amitabh Sharma)*** :………

## ବବ୍ ସିମ୍ପସନ୍ - ପାସେସ୍ ଆୱେ

ଅଷ୍ଟ୍ରେଲିଆ ପୁରୁଷ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ତଥା କୋଚ୍ ବବ୍ ସିମ୍ପ୍ସନ୍‌ଙ୍କର ସିଡ୍‌ନୀଠାରେ ଆଜି ପରଲୋକ ହୋଇଛି । ମୃତ୍ୟୁବେଳକୁ ତାଙ୍କୁ ୮୯ ବର୍ଷ ହୋଇଥିଲା । ଜଣେ ଓପନିଂ ବ୍ୟାଟସ୍‌ମ୍ୟାନ୍, ଫିଲ୍‌ଡର୍, ସ୍ପିନର୍ ଏବଂ ପ୍ରଶିକ୍ଷକ ଭାବେ ଶ୍ରୀ ସିମ୍ପ୍ସନ୍ ଦଳକୁ ବିଭିନ୍ନ ପ୍ରତିଯୋଗିତାରେ ଅଷ୍ଟ୍ରେଲିଆକୁ ବିଜୟୀ କରାଇଥିଲେ । ୧୯୫୭ରୁ ୧୯୭୮ ମଧ୍ୟରେ ଅଷ୍ଟ୍ରେଲିଆ ପାଇଁ ଶ୍ରୀ ସିମ୍ପ୍ସନ୍ ୬୨ଟି ଟେଷ୍ଟ ଖେଳିଥିଲେ । ୪୬ ଦଶମିକ ୮/୧ ହାରରେ ସେ ୪ ହଜାର ୮୬୯ ରନ୍ ସଂଗ୍ରହ କରିଥିଲେ । ୩୯ଟି ଟେଷ୍ଟରେ ସେ ଅଷ୍ଟ୍ରେଲିଆର ଅଧିନାୟକ ଦାୟିତ୍ୱ ନିର୍ବାହ କରିଥିଲେ ।

## କ୍ରିକେଟ୍ - ୟୁ୧୯

ଆଇ.ସି.ସି. ୧୯ ବର୍ଷରୁ କମ୍ ପୁରୁଷ କ୍ରିକେଟ୍-୨୦୨୬ ବିଶ୍ୱକପ୍ ପ୍ରତିଯୋଗିତା ପାଇଁ ଆମେରିକା ଚୂଡ଼ାନ୍ତ ପର୍ଯ୍ୟାୟକୁ ଯୋଗ୍ୟତା ହାସଲ କରିଛି । ଅର୍ଜୁନ ମହେଶଙ୍କ ଅଧିନାୟକତ୍ୱରେ ଆମେରିକା ଆଞ୍ଚଳିକ ପ୍ରତିଯୋଗିତାରେ ସଫଳ ପ୍ରଦର୍ଶନ କରିଛି । ଡବଲ୍ ରାଉଣ୍ଡ୍-ରବିନ୍

ଆଧାରରେ ଖେଳାଯାଉଥିବା ଆଞ୍ଚଳିକ ପ୍ରତିଯୋଗିତାରେ କାନାଡ଼ା, ବରମୁଡ଼ା ଏବଂ ଆର୍ଜେଣ୍ଟିନାକୁ ପରାସ୍ତ କରି ଆମେରିକା ଲିଗ୍ ପର୍ଯ୍ୟାୟର ଶୀର୍ଷସ୍ଥାନରେ ପହଞ୍ଚିବା ସହ ଏହି ସଫଳତା ହାସଲ କରିଛି । ଜିମ୍ବାୱେ ଏବଂ ନାମିବିୟାଦ୍ୱାରା ମିଳିତ ଭାବେ ଆୟୋଜିତ ହେବାକୁ ଥିବା ୨୦୨୬, ୧୯ ବର୍ଷରୁ କମ୍ ଆଇ.ସି.ସି. ପୁରୁଷ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଅନ୍ୟ ୧୫ଟି ଦଳ ସହିତ ଆମେରିକା ସ୍ଥାନିତ ହୋଇଛି । ଅଷ୍ଟ୍ରେଲିଆ, ଆୟୋଜକ ଜିମ୍ବାୱେ, ଭାରତ, ଇଂଲଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା ନ୍ୟୁଜିଲାଣ୍ଡ, ବାଂଲାଦେଶ ଏବଂ ୱେଷ୍ଟଇଣ୍ଡିଜ୍ ସହ ଆଞ୍ଚଳିକ ଯୋଗ୍ୟତା ଆଧାରରେ ଆଫଗାନିସ୍ତାନ, ତାଞ୍ଜାନିଆ, ଜାପାନ, ସ୍କଟ୍‌ଲାଣ୍ଡ ଏବଂ ଏବେ ଆମେରିକା ଏହି ପ୍ରତିଯୋଗିତାପାଇଁ ଯୋଗ୍ୟତା ହାସଲ କରିଛନ୍ତି । ଏହି ୧୬ଟି ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯିବ । ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ୩ଟି ଦଳ ସୁପର୍ ସିକ୍ସ ପର୍ଯ୍ୟାୟକୁ ଉନ୍ନୀତ ହେବେ । ପ୍ରତ୍ୟେକ ସୁପର ସିକ୍ସ ଗ୍ରୁପ୍‌ର ଶ୍ରେଷ୍ଠ ୨ଟି ଦଳ ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହେବେ । ଏହାପରେ ସେମିଫାଇନାଲ୍ ବିଜେତାଙ୍କ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ ।

*****